**ସୁବର୍ଣ୍ଣରେଖା ବନ୍ଦର ନିମନ୍ତେ ରେଳ କରିଡର ଏବଂ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ**

# ବିଧାନସଭାରେ ପ୍ରଶ୍ନ ଉଠାଇଲେ ବସ୍ତା ବିଧାୟିକା

ବାଲିଆପାଳ, ୧୯।୨ (ସମିସ)

ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଚୌମୁଖ ଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ନିମନ୍ତେ ରେଳ କରିଡର ଏବଂ ରାସ୍ତା ନିର୍ମାଣ ପାଇଁ କେତେ ପରିମାଣର ଜମିର ଆବଶ୍ୟକତା ଅଛି, ସେଥି ମଧ୍ୟରୁ ସରକାରୀ ଓ ବେସରକାରୀ ଜମିର ପରିମାଣ କେତେ ଏବଂ କେତେ ସଂଖ୍ୟାକ ଘରୋଇ ଜମି କ୍ରୟ କରାଯାଇଛି, ଏଥି ସହିତ ଚୌମୁଖ ପଞ୍ଚାୟତରେ ରେଳ କରିଡର ଓ ରାସ୍ତା ନିର୍ମାଣ ପାଇଁ କେତେ ଜମି କିଣା ଯାଇଛି, ବାକି ଥିବା ମୋଟ ଜମି ଗୁଡିକ କେବେ ସୁଦ୍ଧା କିଣା ଯିବା ପାଇଁ ପ୍ରସ୍ତାବ ରହିଛି ଓ ଅଧିଗ୍ରହଣ ହୋଇଥିବା ଜମିର ସ୍ଥିତାବସ୍ଥା କ'ଣ ରହିଛି ବୋଲି ଆଜି ବିଧାନସଭାର ବଜେଟ ଅଧିବେଶନର ଗୁରୁବାର ଦିନ ବିଧାୟିକା ସୁବାସିନୀ ଜେନା ପ୍ରଶ୍ନ ଉପସ୍ଥାପନ କରି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ସଡ଼କ ପଥ ନିର୍ମାଣ ପାଇଁ ୧୫ ଏକର ଜଙ୍ଗଲ ଜମି ଅଧିଗ୍ରହଣ ହେବାକୁ ଥିବା ବେଳେ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ଅନୁମତି ଅପେକ୍ଷାରେ ଅଛି। ସେହିପରି ୧୪. ୬୮ ଏକର ଭୂଦାନ ଯାଞ୍ଚ ସମିତି ଅଧିନରେ ଥିବା ଜମି ଅଧିଗ୍ରହଣ ପ୍ରସ୍ତାବ ଜିଲ୍ଲା ନ୍ୟାୟାଳୟ ନିକଟରେ ବିଚାରାଧୀନ ଅଛି। ଏଥିସହିତ ୭.୯୭ ଏକର ସରକାରୀ ଜମିରୁ ୭. ୩୧ ଏକର ଅଧିଗ୍ରହଣ ହୋଇଛି। ବେସରକାରୀ ୨୯ଏକର ଜମିରୁ ୧୭. ୩୧ଏକର ଜମି ଅଧିଗ୍ରହଣ ହୋଇଛି। ଏହିପରି ସମୁଦାୟ ଆବଶ୍ୟକୀୟ ୬୬.୬୪ ଏକର ଜମିରୁ ୩୩.୨୬ଏକର ଜମି ଅଧିଗ୍ରହଣ ହୋଇଛି। ଏହା ବ୍ୟତୀତ ରେଳ କରିଡର ପାଇଁ ଆବଶ୍ୟକୀୟ ୪୧୪.୫୮ଏକର ଜମିରୁ ୨୫୮.୦୧ଏକର ଅଧିଗ୍ରହଣ ହୋଇଛି। ଚଉମୁଖ ପଞ୍ଚାୟତରେ ରେଳ କରିଡର ନିମିତ୍ତ ଆବଶ୍ୟକୀୟ ୩୮.୧୨ଏକର ବେସରକାରୀ ଜମି ମଧ୍ୟରୁ ୩୨.୦୯ ଏକର ଜମି ପଞ୍ଜୀକୃତ ହୋଇଥିବା ବେଳେ ବଳକା ୬.୦୩ଏକର ଜମି ଅଧିଗ୍ରହଣ ନିମିତ୍ତ ପ୍ରସ୍ତାବ ଗ୍ରହଣ କରାଯାଉଛି ଏବଂ ରାସ୍ତା ନିର୍ମାଣ ନିମିତ୍ତ ଚଉମୁଖ ପଞ୍ଚାୟତରେ କୌଣସି ବେସରକାରୀ ଜମିର ଆବଶ୍ୟକତା ନାହିଁ ବୋଲି ଉତ୍ତର ରଖିଥିଲେ। ଏହି ସବୁ ପ୍ରକ୍ରିୟା ଶେଷ ହେଲେ ବନ୍ଦର କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି।

# ଗରସଙ୍ଗରେ ନୂତନ ବିଜେଡି ସଭାପତିଙ୍କ ସମ୍ବର୍ଦ୍ଧନା ସମାରୋହ

ଖଇରା, ୧୯।୨ (ସମିସ): ଗତ ୨୪ବର୍ଷ ଧରି ବିଜେଡି ଲୋକଙ୍କ ସେବା କରି ଆସିଛି। ପ୍ରତିଟି ସାହି, ଗଳିକନ୍ଦିରେ ବିଜେଡିର ବିକାଶର ଛାପ ରହିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଜି ବି ଓଡ଼ିଶାବାସୀଙ୍କ ହୃଦୟ ଦେଇ ଭଲ ପାଉଛନ୍ତି। ବର୍ତ୍ତମାନର ଭାଜପା ସରକାର ଖଣିଲୁଟ ସାଙ୍ଗକୁ ଗଙ୍ଗବୋଲା କାର୍ଯ୍ୟରେ ବ୍ୟସ୍ତ। ୧୯ମାସ ମଧ୍ୟରେ ଲୋକଙ୍କ ଆସ୍ଥା ହରାଇ ସାରିଲାଣି। ଏହି ମହାଦ୍ରୁମ ସମ ବିଜେଡି ମାତ୍ର କିଛିଦିନ ଧରି ପତ୍ରଝଡ଼ା ଦେଉଥିଲା। ପୁଣି ପତ୍ର କଅଁଳିଲାଣି। ମନୋବଳ ସୁଦୃଢ଼ କର ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନ ଲାଗି ଏବେଠାରୁ ପ୍ରସ୍ତୁତ ହୋଇ ରୁହ ବୋଲି ଖଇରା ବ୍ଲକର ଗରସଙ୍ଗ ଠାରେ ନୂତନ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ଦାସଙ୍କ ସମ୍ବର୍ଦ୍ଧନା ପର୍ବରେ ଯୋଗ ଦେଇଥିବା ବିଜେଡି ନେତୃବୃନ୍ଦ ଓ ଲୋକପ୍ରତିନିଧିମାନେ ଆହ୍ୱାନ ଦେଇଛନ୍ତି। ଜିଲା ପରିଷଦ ସଭ୍ୟା ପ୍ରତିନିଧି ନରେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିମୁଳିଆ ପୂର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ୪ନମ୍ବର ଜୋନ



ଜିଲାପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଗଗନଧୁଳୀ ସରପଞ୍ଚ ମଦନ ମୋହନ ସାନ୍ତରା, ସୁଣ୍ଡିରା ସମିତିସଭ୍ୟ ନଳିନୀ ସାହୁ, କୃଷ୍ଣଚନ୍ଦ୍ର ଜେନା, ବିଜୟ ବାରିକ, ମୋହନ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ବୋଲେରୋ ସହ ମାରଣାସ୍ତ୍ର ଜବତ, ଡକାୟତ ଗିରଫ



ସୋର, ୧୯।୨(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥରେ ଡକାୟତି ବେଳେ ଜଣେ ଡକାୟତକୁ ସୋର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗତକାଲି ରାତିରେ କଲେଜ ଛକ ନିକଟରେ ୫ ଜଣ ଡକାୟତ ରାସ୍ତାରେ ଯାଉଥିବା ଗାଡି ଅଟକାଇ ଡକାୟତି କରୁଥିଲେ। ଏହି ସମୟରେ ଖବର ପାଇ ସୋର ପୁଲିସ ଚଢ଼ଉ କରିଥିଲା। ଏହି ସମୟରେ ୫ ଜଣ ଡକାୟତ ଓଆର ୨୨ ଡ଼ି ୦୨୩୦ ନମ୍ବର ବିଶିଷ୍ଟ ବୋଲେରୋରେ ଫେରାର ହେଉଥିଲେ। ଏହି ସମୟରେ ମାଟିଆପଲ୍ଲା ଛକ ନିକଟରେ ବୋଲେରୋଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବୋଲେରୋରେ ଥିବା ସମସ୍ତ ଡକାୟତ ଦୌଡ଼ି ପଳାଇ ଯାଉଥିବା ବେଳେ ଔପଦା ଥାନା ଗରୁଡ଼ହନ୍ତା ଗ୍ରାମର ପ୍ରକାଶ ଚନ୍ଦ୍ର ବିଶ୍ୱାଳ (୨୬) ନିକଟରେ ଥିବା ଏକ ଗଡ଼ିଆରେ ପଶି ଯାଇଥିଲା। ଫଳରେ ପୁଲିସ ଗଡ଼ିଆରେ ପଶି ତାକୁ ଗିରଫ କରିବା ସହିତ ବୋଲେରୋ, ଏକ ଖଣ୍ଡା, ୩ଟି ତେଲେଙ୍ଗା କଟୁରୀକୁ ଜବତ କରିଥିଲା। ଏ ବାବଦରେ ପୁଲିସ ଥାନାରେ ୧୬୮/୨୬ ରେ ଏକ ମାମଲା ରୁଜୁ କରି ପ୍ରକାଶକୁ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛି। ତେବେ ପ୍ରକାଶ ନାମରେ ସୋର ଥାନାରେ ୫ ଟି, ଖଇରା ଥାନାରେ ୨ ଟି, ଶିଳ୍ପାଞ୍ଚଳ ଥାନାରେ ଗୋଟିଏ ମାମଲା ଥିବା ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର ସୂଚନା ଦେଇଛନ୍ତି।

# ଆହତଙ୍କୁ ମେଡିକାଲ ପହଞ୍ଚାଇଲେ ପୂର୍ବତନ ବିଧାୟକ

ଖଇରା, ୧୯।୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ନହଙ୍ଗ ଗ୍ରାମର ତିଲୋତ୍ତମା ଦାସ ପୁଅକୁ ଟିଉସନରୁ ଆଣିବାକୁ ଯାଉଥିବା ବେଳେ ତାରିଣୀ ଛକ ନିକଟରେ ଦିପୁ ଟୁଡୁ ନାମକ ଯୁବକ ପଛପଟୁ ଧକ୍କା ଦେଇଥିଲା। ଗରସଙ୍ଗ ସଭାସାରି ସେହି ସମୟରେ ସେହି ରାସ୍ତାଦେଇ ଖଇରା ଯାଉଥିବା ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମାନବିକତା ଦେଖାଇ ଗାଡିରୁ ଓହ୍ଲାଇ ପାଖଗ୍ରାମବାସୀଙ୍କ ସହଯୋଗରେ ଆହତ ତିଲୋତ୍ତମାକୁ ଖଇରା ମେଡିକାଲରେ ପହଞ୍ଚାଇଥିଲେ। ଶ୍ରୀ ପାଣିଗ୍ରାହୀଙ୍କ ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶଂସା କରାଯାଉଛି।

# ଚକଫୁଲବଣୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଭୋଗରାଇ, ୧୯।୨ (ସମିସ) : ଭୋଗରାଇର ଟୁକୁରୀହାଜିରା ପଞ୍ଚାୟତ ଚକଫୁଲବଣୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଆୟୋଜିତ ବାର୍ଷିକ ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାକେଶ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ପ୍ରତିମା ଚାନ୍ଦ, ମୁଖ୍ୟବକ୍ତା ଭାବେ ସରପଞ୍ଚ ଉପେନ୍ଦ୍ର ସାହୁ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ସମ୍ମାନିତ ଅତିଥି ପ୍ରାକ୍ତନ ସିଆରସିସି ପଦ୍ମଲୋଚନ ମାଝି, ସାମ୍ବାଦିକ ଶିଶିର ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସସ୍ମିତା ଗିରି, ଗାଁ ମୁଖିଆ ଶଚିନ୍ଦ୍ର ମଣ୍ଡଳ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉପଦେଶ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଦୀପ୍ତ କଟୁଆଳ ମଞ୍ଚ ଆହ୍ୱାନ, ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ସୁମିତ୍ରା ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ

କାଳିପଦା, ୧୯।୨ (ସମିସ): ବାଲିଆପାଳ ବ୍ଲକ ବାସୁଦେବପୁରର ବାବା ବ୍ରଜେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ବିଜୟ ବିଶ୍ୱାଳ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ସମ୍ବନ୍ଧୀୟ ଏକ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭୈରବ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଦେଉଳା ସରପଞ୍ଚ ସରୋଜ କୁମାର ପିଳା, ଯୁବ ସମାଜସେବୀ ଶ୍ରୀକାନ୍ତ ନାଥ, ଆଇନଜୀବୀ ଅର୍ଦ୍ଧେନ୍ଦୁ ବାରିକ, ମନ୍ମଥ ନାୟକ, ସମ୍ପାଦକ ଶୁଭେନ୍ଦୁ ଦାସ, ଉପ ସଭାପତି ଲିଟୁନ ପାତ୍ର, ସହ ସମ୍ପାଦକ ଚନ୍ଦନ ଦାସ, କୋଷାଧ୍ୟକ୍ଷ ଦିଗ ବିଜୟ ବିଶ୍ୱାଳ, ବସନ୍ତ ବାରିକ, ଅଞ୍ଜନ ମହାନ୍ତି ପ୍ରମୁଖ ଯୋଗ ଦେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସଫଳ ଆୟୋଜନ ନେଇ ଗୁରୁତ୍ୱାରୋପ କରିବା ସହ ସୁଚିନ୍ତିତ ମତାମତ ପୋଷଣ କରିଥିଲେ। ଏହି ବୈଠକରେ ବିଶ୍ୱାଳ ପରିବାର ତରଫରୁ ସ୍ୱର୍ଗତ ବିଜୟ ବିଶ୍ୱାଳଙ୍କ ସାନ ଭାଇ ଶିକ୍ଷକ ସୁଶାନ୍ତ ବିଶ୍ୱାଳ, ଗୋପାଳ କୃଷ୍ଣ ବିଶ୍ୱାଳ ଓ ପୁତ୍ର ରାଜକିଶୋର ବିଶ୍ୱାଳ ଯୋଗ ଦେଇ ସମସ୍ତ ପ୍ରକାରର ସହଯୋଗ ନେଇ ଘୋଷଣା କରିଥିଲେ।

**ଗହଣା ଦୋକାନୀଠୁ ଲୁଟ୍ ଘଟଣା**

# ସିସିଟିଭି ଫୁଟେଜକୁ ନେଇ ପୁଲିସର ତନାଘନା

ନୀଳଗିରି, ୧୯।୨ (ସମିସ): ବୁଧବାର ରାତି ପ୍ରାୟ ୯.୨୯ମିନିଟ୍ ସମୟରେ ସନ୍ତରାଗଡ଼ିଆ ବଜାରରେ ଥିବା କୃପାସିନ୍ଧୁ ଜୁଏଲାରୀର ମାଲିକ କୃପାସିନ୍ଧୁ ରଣା ଦୋକାନ ବନ୍ଦ କରି ନିଜ ବ୍ୟାଗ୍‌ରେ ୩୭୫ ଗ୍ରାମ ସୁନା ଅଳଙ୍କାର ନେଇ ଯାଉଥିବା ବେଳେ ହଠାତ୍ ଦୁଇଟି ବାଇକ୍‌ରେ ୪ଜଣ ଯୁବକ ଆସି ବନ୍ଧୁକ ଦେଖାଇ ଲୁଟି ନେଇ ଫେରାର ହୋଇ ଯାଇଥିଲେ। ପରେ ଖବର ପାଇ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ସଦଳେ ବଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଘଟଣାକୁ ଏସ ଡି ପି ଓ ପ୍ରମୋଦ ମଲ୍ଲିକ ଉକ୍ତ ରାତିରେ ବିଭିନ୍ନ ରାସ୍ତାରେ ପୁଲିସ ମୁତୟନ କରିଥିଲେ। ଗୁରୁବାର ଦିନ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛନ୍ତି। ଘଟଣାର ତଦନ୍ତକାରୀ ଅଫିସର୍ ଖୋଦ୍ ଆଇଆଇସି ଗୋବର୍ଦ୍ଧନ ନାୟକ ଘଟଣା ସ୍ଥଳରୁ ବିଭିନ୍ନ ସିସିଟିଭି ଫୁଟେଜକୁ ସଂଗ୍ରହ କରିବା ପରେ ଫୁଟେଜ ଆଧାରକୁ ନେଇ ତଦନ୍ତ ଚାଲିଛି। ତେବେ ଏହି ଘଟଣା ସତରେ ଲୁଟ୍ ଘଟଣା ନା ଏହା ପଛରେ ଆଉ କ'ଣ ରହିଛି ତଦନ୍ତ ପରେ ଜଣା ପଡ଼ିବ। ଗହଣା ଦୋକାନୀ ମାଲିକ କୃପାସିନ୍ଧୁ ରଣା ଚୋରି ନେଇ ଥାନାରେ ଏତଲା ଦେଇଥିବା ବେଳେ ପୁଲିସ କୃପାସିନ୍ଧୁ ରଣା, ପୁଅ ପ୍ରଶାନ୍ତ ରଣା ଓ ସତ୍ୟଜିତ ରଣା କୁ ଡାକି ଘଟଣାର ନିରପେକ୍ଷ ତଦନ୍ତ କରୁଛନ୍ତି।




**● ବିଜେଡି ଜିଲ୍ଲା ସାଂଗଠନିକ କର୍ମକର୍ତ୍ତା**

# ରାଜୀବ ନୀଳଗିରି ବ୍ଲକ ଓ ଅଚ୍ୟୁତଚରଣ ନଗର ସଭାପତି ନିଯୁକ୍ତ

ନୀଳଗିରି, ୧୯।୨ (ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁଜନତା ଦଳର ବାଲେଶ୍ୱର ଜିଲ୍ଲା ସାଂଗଠନିକ କର୍ମକର୍ତ୍ତାଙ୍କ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହି ନିଯୁକ୍ତିରେ ଜିଲ୍ଲାର ସମସ୍ତ ବ୍ଲକ ଏବଂ ନଗରର ସଭାପତିଙ୍କ ନାମ ଘୋଷଣା ହୋଇଥିବା ବେଳେ ବର୍ତ୍ତମାନର ସିଆଡିମାଳ ପଞ୍ଚାୟତର ସମିତିସଭ୍ୟ ରାଜୀବ ଦାସବାବୁଙ୍କୁ ନୀଳଗିରି ବ୍ଲକ ସଭାପତି ଏବଂ ଯୁବସମାଜସେବୀ ଅଚ୍ୟୁତଚରଣ ପ୍ରଧାନଙ୍କୁ ନୀଳଗିରି ଏନଏସି ସଭାପତି ଭାବେ ନିଯୁକ୍ତି ମିଳିଥିବା ସୂଚନା ମିଳିଛି। ଏହି ନିଯୁକ୍ତି ମିଳିବାପରେ ନୀଳଗିରି ଅଞ୍ଚଳର ବିଜେଡ଼ି କର୍ମକର୍ତ୍ତା ଏବଂ କର୍ମୀଙ୍କ ମହଲରେ ଉତ୍ସାହ ଦେଖାଦେଇଛି। ଉଭୟ ଯୁବନେତା ରାଜୀବ ଦାସବାବୁ ଏବଂ ଅଚ୍ୟୁତଚରଣ ତାଙ୍କର ଚୟନକୁ ନେଇ ଖୁସିବ୍ୟକ୍ତ କରିବା ସହିତ ନୀଳଗିରିର ପୂର୍ବତନ ବିଧାୟକ ତଥା ଲୋକଙ୍କ ସୁଖଦୁଃଖର ସାଥୀ ଇଂ ସୁକାନ୍ତ କୁମାର ନାୟକ, ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ବାଲେଶ୍ୱର ଜିଲ୍ଲାର ସମସ୍ତ ବରିଷ୍ଠ ବିଜେଡି ନେତା ଓ କର୍ମକର୍ତ୍ତାଙ୍କ ସମେତ ମାନ୍ୟବର ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ନୀଳଗିରି ବ୍ଲକର ସମସ୍ତ ୨୫ଟି ପଞ୍ଚାୟତର ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ଏବଂ ସର୍ବାଙ୍ଗୀନ ଉନ୍ନତି ଉପରେ ପ୍ରାଥମିକତା ଦିଆଯିବ ବୋଲି ନବନିଯୁକ୍ତ ବିଜେଡ଼ି ସଭାପତି ରାଜୀବ ଦାସବାବୁ ପ୍ରତିକ୍ରିୟା ଦେଇଛନ୍ତି।



# ମାରୁତି କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଭୋଗରାଇ, ୧୯।୨ (ସମିସ) : ଭୋଗରାଇର ପସରବିନ୍ଧା ପଞ୍ଚାୟତର ସାନ ଆଉସା ପ୍ରଥମିକ ବିଦ୍ୟାଳୟ ପରିସରରେ ମାରୁତି କ୍ଲବ ଆନୁକୂଲ୍ୟରେ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ସରପଞ୍ଚ ସୁମନ୍ତ ବେହେରା, ସଦସ୍ୟ ପଙ୍କଜ ଜେନା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଏମ୍ସ ଭୁବନେଶ୍ୱରର ଅସ୍ଥି ରୋଗ ବିଶେଷଜ୍ଞ ଡା. ସିଦ୍ଧାର୍ଥ ପ୍ରଧାନ, ଡ଼ା. ସିଦ୍ଧାନ୍ତ ପଣ୍ଡା, ଏମଡି ଇଲ୍‌ୟାସ ରୋଗୀ ମାନଙ୍କୁ ଚିକିତ୍ସା ଓ ଔଷଧ ବିତରଣ କରିଥିଲେ। ମୋଟ ୨୯୭ଜଣ ଆଣ୍ଠୁଗଣ୍ଠି ବ୍ୟଥା, ବାତରୋଗ, ଅଣ୍ଟା ବ୍ୟଥା, ଲିଗାମେଣ୍ଟ, ହିପରିପ୍ଲେସମେଣ୍ଟ ଇତ୍ୟାଦି ରୋଗୀଙ୍କ ଚିକିତ୍ସା ଭିତରେ କିଛି ଗୁରୁତର ଦରିଦ୍ର ପରିବାରର ରୋଗୀଙ୍କୁ କ୍ଲବର ମାରୁତି ଯୋଦ୍ଧାମାନେ ବିନା ଖର୍ଚ୍ଚରେ ଭୁବନେଶ୍ୱର ଏମ୍ସ ନେଇ ଚିକିତ୍ସା କରାଇବେ ବୋଲି ପ୍ରକାଶ କରିଛନ୍ତି। କ୍ଲବର ସଭାପତି ଚିନ୍ମୟ ଜେନାଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସରପଞ୍ଚ, ପଞ୍ଚାୟତ ସମିତି ସଦସ୍ୟଙ୍କ ସହ ଉମାକାନ୍ତ ବେହେରା, ପ୍ରଫୁଲ୍ଲ କୁଣ୍ଡୁ, ସୁଶାନ୍ତ ବାରିକ, ସଞ୍ଜିବ ଜେନା ପ୍ରମୁଖ ଯୋଗଦେଇଥିଲେ। କ୍ଲବର ସମ୍ପାଦକ ଜ୍ୟୋତି କୁମାର ଦାସ, ଗୌତମ ପାତ୍ର, ରିଣ୍ଟୁ ଦାସ, ଶ୍ରିମୟ ଜେନା, ରିଙ୍କୁ ବାରିକ, ଚନ୍ଦନ ବେହେରା, ଗୋପାଳ ବାରିକ, ବିକାଶ ଜେନା ସମେତ କ୍ଲବର ୮୦ଜଣ ସଦସ୍ୟଙ୍କ ସହଯୋଗରେ ଶିବିର ପରିଚାଳିତ ହୋଇଥିଲା।

# ଘରେ କଳାକନା ବୁଲାଇଲା ଦୁର୍ବୃତ୍ତ

ଭୋଗରାଇ, ୧୯।୨ (ସମିସ) : ଗତ ୧୬ ତାରିଖ ସୋମବାର ଗଣେଶ୍ୱରପୁର ଗ୍ରାମର ସଞ୍ଜୟ ଦାସଙ୍କ ଘରେ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା ବେଳେ ପୁଣି ଫେବୃଆରୀ ୧୮ ତାରିଖ ବୁଧବାର ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତର ସେହି ଗ୍ରାମର (ଅଭୟମଲ) ସୁରେନ୍ଦ୍ର ରାଉଳଙ୍କ ବାସଭବନରେ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ୪୦ ଗ୍ରାମର ସୁନା ଅଳଙ୍କାର ୨୦୦ ଗ୍ରାମ ରୁପା ଅଳଙ୍କାର ଓ ନଗଦ ୬୦ ହଜାର ଟଙ୍କା ଯାହାର ଆନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହେବ ଚୋରି ହୋଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଭୋଗରାଇ ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ କେସ ନମ୍ବର ୩୮/୨୬ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି।

# ସିମୁଳିଆ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର କର୍ମଶାଳା

ସିମୁଳିଆ, ୧୯।୨ (ସମିସ): ସିମୁଳିଆ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ସ୍ୱତନ୍ତ୍ର କର୍ମଶାଳା ଓ ବିଭାଗୀୟ ମୁଖ୍ୟଙ୍କ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଅର୍ଜୁନ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପକ ରମାକାନ୍ତ ରାଉତଙ୍କୁ ମାନପତ୍ର ଓ ଉପଢୌକନ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅଧ୍ୟାପକ ଅଶୋକ କୁମାର କବି ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ କମଳ ବରଣ ଲେଙ୍କା, ଅଧ୍ୟାପକ ନିର୍ମଳ ଚନ୍ଦ୍ର ବେହେରା, ଡ. ମାନସ କୁମାର ସାହୁ, ଅଧ୍ୟାପକ ଶୁକଦେବ ମଲ୍ଲିକ, ଅଧ୍ୟାପିକା ବାସନ୍ତୀ ଦାସ, ମଧୁମିତା ଶତପଥୀ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ମାନେ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପରେ ପରେ ସିମୁଳିଆ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗର ୩୭ ବର୍ଷ ଚାକିରୀ କରି ଅବସର ଗ୍ରହଣ କରିଥିବା ଅଧ୍ୟାପକ ରମାକାନ୍ତ ରାଉତ ଚାକିରୀ ଜୀବନରେ କେବଳ ଗୋଟିଏ ଦିନ ଛୁଟି ନେଇ ସଦାସର୍ବଦା କର୍ତ୍ତବ୍ୟକୁ ଗୁରୁତ୍ୱ ଦେଇ ଆସିଥିବାରୁ ଅତିଥି ମାନେ ଭୂୟସୀ ପ୍ରଶଂସା କରିବା ସହିତ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମାନପତ୍ର ପାଠ କରିଥିଲେ ଗୌତମ ପଲେଇ ଓ ଅଧ୍ୟାପିକା ଦେବିରାଣୀ ଜେନା। ଅଧ୍ୟାପକ ଭାଗିରଥି ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଶତାୟୁ ଗଙ୍ଗାଧର ଜେନାଙ୍କ ପରଲୋକ

ବାଲେଶ୍ୱର ଉତ୍ତର, ୧୯।୨ (ସମିସ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡ଼ାପାଳ ଗ୍ରାମର ଗଙ୍ଗାଧର ଜେନାଙ୍କ ପରଲୋକ ଘଟିଛି। ଶ୍ରୀ ଜେନାଙ୍କୁ ମୃତ୍ୟୁବେଳକୁ ୧୧୨ ବର୍ଷ ହୋଇଥିଲା। ଶ୍ରୀ ଜେନା ୧୯୧୪ ମସିହାରେ ଜନ୍ମଲାଭ କରି ସ୍ୱାଧିନତା ସଂଗ୍ରାମୀ ତଥା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେଇଥିଲେ। ସେ ଜଣେ ଧର୍ମପ୍ରାଣ, ମେଳାପୀ, ଅମାୟିକ, କର୍ତ୍ତବ୍ୟନିଷ୍ଠ ଏବଂ ବିଭିନ୍ନ ଢଗ ଢମାଳିରେ ପାରଙ୍ଗମ ବ୍ୟକ୍ତି ଥିଲେ। ଶ୍ରୀ ଜେନାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗ ହେବା ଖବର ଶୁଣି ଅନେକ ରାଜନେତା, ବୁଦ୍ଧିଜୀବୀ, ଶିକ୍ଷାବିତ୍, ଜ୍ଞାନୀ ଗୁଣୀ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହିତ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ ବାସନ୍ତି, ବଡ଼ପୁତ୍ର ପଙ୍କଜ, ସାନପୁତ୍ର ତପନ, ପୁତ୍ରବଧୂ ଟିପିରି, ସଂଧ୍ୟା, ଝିଅ ମିନାରାଣୀ, ଅଞ୍ଜଳି ଏବଂ ବଡ଼ ଜ୍ୱାଇଁ ସଞ୍ଜିବ ଉପସ୍ଥିତ ଥିଲେ। ନିଜଗ୍ରାମ ଶ୍ମଶାନରେ ସଂସ୍କାର କରାଯାଇଥିବାବେଳେ ବଡ଼ପୁତ୍ର ପଙ୍କଜ ମୁଖାଗ୍ନି ଦେଇଥିଲେ।

# ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଲେ ଜନପ୍ରତିନିଧି




ଜଳେଶ୍ୱର ବ୍ଲକ, ୧୯।୨(ସମିସ): ଆଜି ସାରା ରାଜ୍ୟରେ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହୋଇଛି ଆଉ ଏହି ପ୍ରଥମ ଦିନରେ ମାତୃଭାଷାର ପରୀକ୍ଷା ଦେଉଛନ୍ତି। ଆଉ ଏହି ଛାତ୍ର ଛାତ୍ରୀ ମାନଙ୍କୁ ନିଆରା ଢଙ୍ଗରେ ସେମାନଙ୍କ ପରୀକ୍ଷା ପାଇଁ ଥିବା ମାନସିକ ଚାପକୁ ଲାଘବ ପାଇଁ ଜଳେଶ୍ୱର ଅଞ୍ଚଳର ଜନ ପ୍ରତିନିଧିମାନଙ୍କ ଦ୍ୱାରା ସୁଗୋ ହାଇସ୍କୁଲରେ ପରୀକ୍ଷା ଦେବାକୁ ଆସିଥିବା ନାମ୍ପା, ବାଘପୁଞ୍ଜି, ପରୀକ୍ଷାର୍ଥିମାନଙ୍କୁ ମୁଣ୍ଡରେ ଚନ୍ଦନ ତିଳକ ସହିତ ଗୋଲାପ ଫୁଲ ଓ ଚକଲେଟ ପ୍ରଦାନ କରି ପରୀକ୍ଷା କେନ୍ଦ୍ରକୁ ସ୍ୱାଗତ ଜଣାଇ ଥିଲେ। ଏଥିରେ ଉପସ୍ଥିତ ରହିଥିଲେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଅବସରପ୍ରାପ୍ତ ଅଧ୍ୟକ୍ଷ କମଳାକାନ୍ତ ଚାନ୍ଦ, ସିଆରସିସି ସମର କୁମାର ପରିଡ଼ା ଅତିଥି ରୂପେ ଉପସ୍ଥିତ ଥିଲେ। ନାମ୍ପୋ ସରପଞ୍ଚ ଲୋପାମୁଦ୍ରା ରାଉତ୍, ସୁଗୋ ସରପଞ୍ଚ ଜୟନ୍ତୀ ପରିଡ଼ା, ଅରୁଣ ରାଉତ, ଅରୁଣ କୁମାର ପରିଡ଼ା ସର୍ବଶ୍ରୀ ପ୍ରଦୀପ ପାତ୍ର, ଅତୁଲ ଚନ୍ଦ୍ର ଭୂୟାଁ, ପ୍ରଶାନ୍ତ ରାଏ, ବିଶ୍ୱଜିତ ପ୍ରଧାନ, ୱାର୍ଡ ସଭ୍ୟ ଅମୀୟ ପାତ୍ର ଓ ୱାର୍ଡ ସଭ୍ୟା ଝୁନୀ ପାତ୍ର ଉକ୍ତ ସମେତ ଅଭିଭାବକ ଓ ସୁଗୋ ଗ୍ରାମବାସୀ ମାନେ ପରୀକ୍ଷକର୍ଥୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା; ଉତ୍ସାହିତ ଛାତ୍ରଛାତ୍ରୀ

ଜଳେଶ୍ୱର, ୧୯।୨ (ସମିସ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆଜିଠାରୁ ଆରମ୍ଭ ହୋଇଛି। ଏହି ପରୀକ୍ଷା ଆସନ୍ତା ମାର୍ଚ୍ଚ ୨ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥି ସହିତ ସଂସ୍କୃତ ମଧ୍ୟମା ପରୀକ୍ଷା ମଧ୍ୟ ଏକ ସାଙ୍ଗରେ ଆରମ୍ଭ ହୋଇଛି। ଜଳେଶ୍ୱର ପାଇଁ ପିଏମଶ୍ରୀ ଜଳେଶ୍ୱର ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ଭାବେ କାର୍ଯ୍ୟ କରୁଥିବାବେଳେ ସମସ୍ତ ସେଣ୍ଟର ଗୁଡିକୁ ପ୍ରଶ୍ନପତ୍ର ପଠାଯାଇଥିବା ଜଣାଯାଇଛି। ଜଳେଶ୍ୱର ନୋଡାଲ ଅଧିନରେ ମୋଟ ୧୮ଟି ପରୀକ୍ଷା କେନ୍ଦ୍ର ରହିଛି। ଏହି କେନ୍ଦ୍ର ମାନଙ୍କରେ ମୋଟ ୩୦୮୨ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି। ସେଥି ମଧ୍ୟରୁ ୩୦୨୧ଜଣ ମାତୃଭାଷାରେ ପରୀକ୍ଷା ଦେଉଥିବା ବେଳେ ସଂସ୍କୃତ ମଧ୍ୟମାରେ ୬୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି ବୋଲି ଜଣାଯାଇଛି। ଜଳେଶ୍ୱର ଟାଉନ ମଧ୍ୟରେ ରହିଥିବା ପିଏମଶ୍ରୀ ଉଚ୍ଚ ନୋଡାଲ ବିଦ୍ୟାଳୟରେ ୨୪୨ଜଣ ପରୀକ୍ଷାର୍ଥୀ ପରିକ୍ଷା ଦେଉଛନ୍ତି ବୋଲି ଜଣାଯାଇଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ସରକାର କଡାକଡି ବ୍ୟବସ୍ଥା କରିଥିବା ଜଣାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ପୋଲିସର ବ୍ୟବସ୍ଥା ସହିତ କପି ରୋକିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଏବଂ ଏଆଇ କ୍ୟାମେରାର ବ୍ୟବସ୍ଥା କରାଯାଇ ବୋର୍ଡର କଣ୍ଟ୍ରୋଲ ରୁମରୁ ସିଧାସଳଖ ତଦାରଖ କରାଯାଉଥିବା ଜଣାଯାଇଛି।



**ସୋର :** ସୋର ବ୍ଲକରେ ଶାନ୍ତି ଶୃଙ୍ଖଳାର ସହିତ ଆରମ୍ଭ ହୋଇଛି ମାଟ୍ରିକ ପରୀକ୍ଷା। ଚଳିତ ବର୍ଷ ବ୍ଲକରେ ମୋଟ ରେଗୁଲାର ଓ ମଧ୍ୟମାକୁ ମିଶାଇ ୧୭ଟି ପରୀକ୍ଷା ସେଣ୍ଟରରେ ମୋଟ ୨୬୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବା ପାଇଁ ଫର୍ମଫିଲପ କରିଥିବା ବେଳେ ଆଜି ପ୍ରଥମ ଦିନରେ ୫୮ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ରେଗୁଲାରରେ ୨୬୨୮ ଜଣ ଫର୍ମ ଫିଲପ କରିଥିବା ବେଳେ ୨୫୭୩ ଜଣ ପରୀକ୍ଷା ଦେଇଥିଲେ। ଫଳରେ ୫୫ ଜଣ ଅନୁପସ୍ଥିତ ଥିଲେ। ମଧ୍ୟମାରେ ୩୩ ଜଣ ଫର୍ମ ଫିଲପ କରିଥିବା ବେଳେ୩୦ ଜଣ ପରୀକ୍ଷା ଦେବାରୁ ୩ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷାକୁ ସୁପରିଚାଳନା କରିବା ପାଇଁ ପ୍ରଶାସନ ତରଫରୁ ସତ୍ୟାନନ୍ଦ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇ ପ୍ରଶ୍ନପତ୍ର ଗୁଡିକୁ ୨୪ ଘଣ୍ଟିଆ ଏଆଇ ସିସିଟିଭି ନଜରରେ ରଖାଯାଇଛି। ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ଚାରିଗୋଟି ଟିମ ନିୟୋଜିତ ଅଛନ୍ତି। ବ୍ଲକରେ କଡା ସୁରକ୍ଷା ମଧ୍ୟରେ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଥିବା ଜଣାପଡ଼ିଛି।

**ସିମୁଳିଆ :** ସିମୁଳିଆ ବ୍ଲକରେ ଏଥର ମାଟ୍ରିକ ୯ଟି ପରୀକ୍ଷା କେନ୍ଦ୍ରରେ ୧୬୧୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୦ଜଣ ଅନୁପସ୍ଥିତ ଥିବାର ନୋଡାଲ ଅଫିସର କୈଳାଶ ଚନ୍ଦ୍ର ମାଝି ସୂଚନା ଦେଇଛନ୍ତି। ସ୍ଥାନୀୟ ବ୍ଲକରେ ଥିବା ୨୫ଟି ହାଇସ୍କୁଲର ପରୀକ୍ଷାର୍ଥୀଙ୍କୁ ୯ଟି ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା କରାଯାଇଛି। ଏଥି ମଧ୍ୟରୁ ନୋଡାଲ ସେଣ୍ଟର ରାଗୁନାରାୟଣ ହାଇସ୍କୁଲରେ ୨୪୧ଜଣ ପରୀକ୍ଷାର୍ଥୀ ଓ ୬୦ଜଣ ମଧ୍ୟମା ପରୀକ୍ଷାର୍ଥୀ ପରୀକ୍ଷା ଦେବାର ଥିବା ବେଳେ ୭ଜଣ ଓ ମଧ୍ୟମାର ୧୫ଜଣ ଅନୁପସ୍ଥିତ, ଦାମୋଦର ହାଇସ୍କୁଲ ଜାମ୍ବୁଝାଡ଼ିରେ ୨୧୪ଜଣ ଥିବାବେଳେ ଜଣେ ଅନୁପସ୍ଥିତ, ଭାରତ ସେବାନିଧି ମଇତାପୁରରେ ୨୨୭ଜଣ ଥିବାବେଳେ ୪ଜଣ ଅନୁପସ୍ଥିତ, ଉପେନ୍ଦ୍ରନାଥ ଏକାଡେମୀ କ୍ଷୀରକୋଣାରେ ୧୨୨ଜଣ ଥିବାବେଳେ ଜଣେ ଅନୁପସ୍ଥିତ, ବରି ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୫୪ଜଣ, ବାଲିଖଣ୍ଡ ଉଚ୍ଚ ବିଦ୍ୟାଳୟରେ ୧୩୬ଜଣ ଥିବାବେଳେ ୫ଜଣ ଅନୁପସ୍ଥିତ, ଦଶଭୁଜା ହାଇସ୍କୁଲ କହ୍ନେଇବିନ୍ଧାରେ ୧୨୪ଜଣ, କାଞ୍ଚନ କମଳା ହାଇସ୍କୁଲ ରାମକୃଷ୍ଣପୁରରେ ୧୩୮ଜଣ ଥିବାବେଳେ ୫ଜଣ ଅନୁପସ୍ଥିତ ଏବଂ ମହମ୍ମଦପୁର ହାଇସ୍କୁଲ କେନ୍ଦ୍ରରେ ୨୦୩ ଜଣ ଥିବାବେଳେ ୨ଜଣ ଅନୁପସ୍ଥିତ ମୋଟ ୧୬୧୯ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୪୦ଜଣ ପରୀକ୍ଷାର୍ଥୀ ପ୍ରଥମ ଦିନରେ ଅନୁପସ୍ଥିତ ଥିବାର ସୂଚନା ମିଳିଛି।

**ଭୋଗରାଇ :** ଭୋଗରାଇ ବ୍ଲକର ୧୯ଟି ପରୀକ୍ଷା କେନ୍ଦ୍ରରେ ଆରମ୍ଭ ହୋଇଛି ମାଟ୍ରିକ୍ ପରୀକ୍ଷା। ଆଜି ସକାଳେ ଭୋଗରାଇ ବ୍ଲକର ୨ଟି ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ସହ ସମସ୍ତ ଆବଶ୍ୟକୀୟ କାଗଜପତ୍ର ପୋଲିସର କଡ଼ା ସୁରକ୍ଷା ମଧ୍ୟରେ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପହଞ୍ଚାଇ ଦିଆ ଯାଇଥିଲା। କପି ରୋକିବା ପାଇଁ କଡ଼ାକଡି ବ୍ୟବସ୍ଥା ନିଆଯାଇଥିଲାବେଳେ ପରୀକ୍ଷାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ପ୍ରତ୍ୟେକ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ମାନେ ଉପଯୁକ୍ତ ଧ୍ୟାନ ଦେଇଥିଲେ। ଭୋଗରାଇରୁ ସମୁଦାୟ ୩୬୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିଲାବେଳେ ବିଭିନ୍ନ କେନ୍ଦ୍ରରୁ ସମୁଦାୟ ରେଗୁଲାର ୬୪ ଓ ମାଧ୍ୟମରେ ୯ ଜଣ ମୋଟ ୭୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ନେଇ ସୂଚନା ମିଳିଛି।

